୩୫ କଥନିକା : ଅଜୟ ପ୍ରଧାନ

# କବିତାର ମତି, ସ୍ମୃତି ଓ ଗତି



ବୋଧହୁଏ, କାଳ ଏକ ଗୋଲାକାର ପଥ, ଏକ ବୃତ୍ତ। ...

... ଏମିତି ଯେ, ସମୟ ଝୁରିବ ମଡିକା ଯାଏଁ!

♥ ଦଇତାପଡ଼ା ସାହି, ପୁରୀ-୧
ଫୋନ: ୭୯୭୮୮୪୮୦୯୧

୭୦ ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

# କଥାକାର ରବି ପଟ୍ଟନାୟକ



" My stories are a kind of closing one's eyes." - Franz Kafka



... ସତ୍ୟ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଡକ୍ଟର ଚର୍ଣ୍ଣୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର,
ଫୋନ: ୯୩୩୭୦୬୭୧୮୬

## ଚିରକାଳ

ମାନସ ରଞ୍ଜନ ମହାପାତ୍ର



ମତେ ଆଉ କେହି
ଏଥରକ
ନଡାକିଲେ ଭଲ
ତଲତ ମେହେମୁଦ୍ ଗୀତ
ରମାକାନ୍ତ ରଥଙ୍କ କବିତା
ସ୍ମୃତିର ନିରାହ ସ୍ମୃତିରେ
ମୁଁ ଚିରକାଳ।

କେତେ ପାହାଡ଼ ନଈ ଜଙ୍ଗଲ
ଏଯାଏଁ ଡେଇଁ ଆସିଲିଣି
ଏବେ ମୁଁ କ୍ଳାନ୍ତ
ମତେ ଆଉ ତୁମ ସମ୍ମୋହନରେ
ବନ୍ଦୀ କରନା
ଅବିରତ ଯାତ୍ରା ପଥରେ
ମୁଁ ଚିରକାଳ!

କିଛି କହିବ?
ନଡାକିଲେ ଭଲ
କହିବାର ସୁଯୋଗ ଖୋଜୁଛି ମୁଁ
ପ୍ରତିଦିନ
ବଞ୍ଚିଯାଏ ଆଉ ଗୋଟେ ଦିନ ପାଇଁ
ସାକ୍ଷୀ ଥାଉ ମହାକାଳ!

♥ ପୁରୀ ଫୋନ: ୯୮୯୧୧୯୪୬୧୭୮

# ପ୍ରାୟୋଗିକ ସମୀକ୍ଷା-୪

## କବି କିଶୋର ପାଣିଗ୍ରାହୀଙ୍କ କବିତା 'ଆଖି'

ଡକ୍ଟର ବିଶ୍ୱରଂଜନ ଦାସ



▶▶ କବିତା: ଆଖି
▶▶ କବି: କିଶୋର ପାଣିଗ୍ରାହୀ
▶▶ ପ୍ରକାଶନ: ସଙ୍ଗମ, ଅକ୍ଟୋବର ୨୦୨୪



... କବିଙ୍କ ଦୃଷ୍ଟିରେ ଆଖି କେବଳ ଦେହର ଏକ ଅଙ୍ଗବିଶେଷ ନୁହେଁ, ଏହା ଅନୁଭବ କରିବା ଲାଗି ଉଦ୍ଦିଷ୍ଟ। ... ଅନେକତ୍ର ଆଖିରେ ବୋଲିହୋଇ ରହିଥାଏ ମାୟାର ଅଞ୍ଜନ। ... 'ଧାରେ ଛୁରୀ ଓ ଛୁରୀଏ ଧାର'- ...

## ଆଖି

କିଶୋର ପାଣିଗ୍ରାହୀ

କେହି ଜାଣିଥାଏ କି
ବନିଶି କଣ୍ଟା କି ବନିପାରେ ଆଖି?
ହୁଏତ ଏବେ ବି
ମୁରୁକା ପହଁରୁଥାଆନ୍ତା ଅଗାଧ ପାଣିରେ ଯେମିତି,
ଧାରେ ଛୁରୀ କି ଛୁରୀଏ ଧାରପରି ଆଖି!
ସେ ଆଖି କେବେ
ଜୀବନ ଯାଚୁଥିବା କଳ୍ପଣୀ ପ୍ରତିଶ୍ରୁତି,
ତ କେବେ କେମିତି
ନିଜ ଶୋଷ ନିଜ ସୁଅରେ ସଢାଉ
ଉଜ୍ଜ୍ୱଳମତୀ, ନୀଳ ନଦୀ।
କେବେକେବେ ଲୋକ ମହଲାଏ ଜଙ୍ଗଲେ ଅନ୍ଧାର
ଥିବା ଆପି ଟାଙ୍ଗି ବସେ ଗୋଟେ ଅନ୍ଧାର ଜଙ୍ଗଲ
ଯୋଉଠି ଯୋଡ଼ିଏ ତାରା
ସବୁଜ ରଙ୍ଗର ନିଆଁ
ବିଡ଼ିବିଡ଼ି ଜଳନ୍ତି ଲିଭନ୍ତି
ଲିଭନ୍ତି ଜଳନ୍ତି!
ସମୁଦ୍ର ପରି ସେ ଆଖିରେ ଆକାଶ,
ଆକାଶ ପରି ସେ ସମୁଦ୍ରରେ ମେଘ,
ମେଘ ପରି ଅପହଁଚରେ ଗୋଡ଼ ଝାଡ଼ିଥିବା
କୁଣଳାକୁଣଳୀ ଅବଚୋଖ
ପଲକରେ ଏକରୁ ଅନେକ ଆକୃତିର ମଧ୍ୟାନ୍ତର
ଯୋଉଠି ଗୋଟେକ ହେଉହେଉ
ତୁଳା ପରି ଭିଣି ହେଉଥାଏ
ଶ୍ୱେତ-ଅବୟବ ସାରା ବିଶ୍ୱାସର୧
ସେ ଆଖି
ମୋର ଗୋଟାପଣକୁ
କାରଯାର ଗିଳି ଓକାଳି ଦେଉଥିବା
ତୃଷ୍ଣା ଆଉ ତର୍ପଣର ପାଖାପାଖି ବି'ପଟ ଆଟିସି;
ମୁଁ ବିଚରା ଗୋଟେ ବିକଳପଣର
ବିମିତ ଆକୃତି।
ସେ ସେଇ ଆଖି
ଯୋଉଠି ସମୁଦ୍ର ଓ ନିଆଁ ରହନ୍ତି ଏକାଠି,
ଯୋଉଠି ପୁଷ୍ପଧନୁ
ସେଇଠି ନାରାଚ
ଯୋଉଠି କଦମ୍ବବନ
ସେଇଠି ସନ୍ନ୍ୟାସ
ଯୋଉଠି ଚୋଟ ଓ ଚୁମ୍ବନ ରହନ୍ତି ଏକାଠି
ଏକରେ ତର୍ପଣ
ଆନକରେ ତୃଷ୍ଣା
ତୃପ୍ତି ଆଉ ପିପାସାର ଅଧାମେଳା
ଯାଉଁଳି କବାଟ ଦେଇ
ସ୍ଥିରପାଦ ଛିଡ଼ୁଛିଡ଼ୁ
ଛାଇଏ ଆକୃତି ବଦଳି ଯିବାର ବିକଳପଣ
ଭୋଗିବ କି?

♥ ଭଦ୍ରକ
ଫୋନ: ୭୦୦୮୧୧୨୯୬୪

ତଥାପି ଏହା ସତ୍ୟ, ଶକ୍ତି, ତୃପ୍ତି, ପିପାସା ଓ ନିରାଶାର ସମ୍ମିଶ୍ରଣ। କବି ଦୃଷ୍ଟିରେ 'ଆଖି' ଚେତନାର ଦ୍ୱାର। ଏହାରି ଅଭ୍ୟନ୍ତରରେ ଆତ୍ମସଂଘାତକୁ ଅନୁଭବ କରିବା ଏକ ଦର୍ଶନ। ...

'Contradictory' ... 'Co-existence' ... 'Green eyed animals' ... 'Between fulfilment and longing' ... 'Self-reflexive existential' ...

♥ ତିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ, ... ଉଦ୍ରକ, ଫୋନ: ...

## ଗୋଧୂଳି

ସପ୍ତପର୍ଣ୍ଣା ମିଶ୍ର



ଆମେ ଠିଆ ହୋଇଛେ
ଆମ ସମ୍ପର୍କର ଦୋଛକିରେ।
ତମକୁ କରୁଛି ଅବହାସ,
ତମ ଅବ୍ୟକ୍ତ ଆତ୍ମଶ୍ଲାଘାର ଧିକ୍କାର
ଆଉ ମୋତେ
ଅତୀତକୁ ବର୍ତ୍ତମାନ ଯାଏଁ ପ୍ରଳମ୍ବିତ
ଅଥଚ ଅବହେଳିତ
ଅଭିମାନ ସବୁର ଇସ୍ତାହାର।
ଏବେ ବାସ୍ତୁ ଆମେ
ବିଚ୍ଛିନ୍ନ ହୋଇଯିବାକୁ ନିଃସଙ୍ଗ ନିରୁଦ୍ଦେଶ୍ୟରେ।
ମାତ୍ର ବାଟ ଓଗାଳୁଛନ୍ତି
ଦେହର ଝର୍ଣ୍ଣବାଟର ଅଙ୍ଗ ଠାରୁ
ମଧ୍ୟ ଅଧିକ ଗୋପନୀୟ ଅନ୍ତରଙ୍ଗ ମୁହୂର୍ତ୍ତମାନ।
ଭିତରେ ଅଡ଼ଚି ହେଉଛି
ତତଲା ଆଖିରେ ଅଦ୍ଭୁତ ପ୍ରଶ୍ନ।
ଅଣଲେଉଟା ଅତୀତରୁ
ଓହ୍ଲେଇ ଆସୁଛନ୍ତି ଗୋଟି ଗୋଟି କରି ମୁହୂର୍ତ୍ତମାନ।
ଛିଟ୍କି ପଡୁଛି ସ୍ମୃତିର କାଉଦାଂଶ ସବୁ।
ଆକାଶରେ ଗୋଧୂଳିର ରଙ୍ଗ
ହୋଇ ଉଠିଲାଣି ତୀବ୍ରତର,
ନେପଥ୍ୟେ ଶୁଭୁଛି
କଣ ଗୋଟିଏ ଭାଙ୍ଗିରୁଜି ଯିବାର ଶବ୍ଦ।
ସେ ଶବ୍ଦ କାହାର?
ତମ ଅଯଥା ଆତ୍ମଶ୍ଲାଘାର,
ମୋର ବ୍ୟର୍ଥ ଅଭିମାନର,
ନା ଶବସତ୍କାର ହେଉଥିବା
ଆମ ବିବମିତ ସମ୍ପର୍କର......!

♥ଅନୁଗୋଳ

# ଫୁଲ ଫୁଟୁ କି ନଫୁଟୁ ଆଜି ବସନ୍ତ

## କ୍ରାନ୍ତିକାରୀ କବିତାର କାଳଜୟୀ ସ୍ରଷ୍ଟା: ବସନ୍ତ ମୁଦୁଲି



ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ... ବସନ୍ତ ମୁଦୁଲି ...

ଆଦର୍ଶକୁ ଆଦରି ନେଇଥିଲେ। ତାଙ୍କର ଭାବ, ଭାଷା, ଚିନ୍ତା, ଚେତନା ସବୁଥିରେ ଥିଲା ଆଦର୍ଶର ଚମତ୍କାର ସୁସମନ୍ୱୟ; ଯେଉଁ ସୁସମନ୍ୱୟର ସୁରଭି ତାଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱକୁ ପରିବ୍ୟାପ୍ତ କରିପାରିଛି। ...

♥ ବଖାରିଶାସ, ଯାଜପୁର,
ଫୋନ: ୭୨୦୫୯୮୨୪୮୬

